ପ୍ରମେୟ
THE PRAMEYA

# ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ସରକାରଙ୍କ ଅଣଦେଖା

**▪ବଜେଟରେ ଅଧିକ ଅର୍ଥ ବରାଦ ହେଉନି**
**▪ଅଡିଓ-ଭିଜୁଆଲ ତାଲିମ ମିଳୁନି**
**▪ଅଙ୍ଗନବାଡ଼ି କେନ୍ଦ୍ର କାମ ମଠେଇ ଚାଲିଛି**

ଭୁବନେଶ୍ୱର, ୧୮।୨(ବ୍ୟୁରୋ): ରାଜ୍ୟ ସରକାର ପ୍ରାକ୍ ବିଦ୍ୟାଳୟ ଶିକ୍ଷାଦାନକୁ ଯେତିକି ଫୋକସ୍ କରିବା କଥା କରୁନାହାନ୍ତି। ଶିକ୍ଷା ଅଧିକାର ଆଇନ ଲାଗୁ କରିଥିଲେ ମଧ୍ୟ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପିଲାମାନେ କିଭଳି ପ୍ରାକ୍ ଶିକ୍ଷା ପାଇବେ ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ରାଜ୍ୟ ବଜେଟରେ ଯେତିକି ଅର୍ଥ ବ୍ୟୟବରାଦ ହେବା କଥା କରାଯାଉନି। ଟିଣଛାତ ତଳେ ଓ ଭଙ୍ଗା ଦଦରା ଘରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି। ନୂଆ ନିର୍ମାଣ ବି କୁନ୍ଥେଇ କୁନ୍ଥେଇ ଚାଲିଛି। ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍)କୁ ଠିକଣା ଭାବେ କାର୍ଯ୍ୟକାରୀ କରିବାକୁ ସରକାର ଅଧିକ ଆନ୍ତରିକତା ପ୍ରକାଶ କରିବାକୁ ମତପ୍ରକାଶ ପାଇଛି।

ସରକାର ୨୦୧୪-୧୫ ବଜେଟରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ୧୭.୯୩ କୋଟି ଟଙ୍କାର ବରାଦ କରାଯାଇଥିଲା। ମାତ୍ର ଏହା ପ୍ରାକ୍-ବିଦ୍ୟାଳୟ କିଟ୍ ନା ସମଗ୍ର ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ତାହା ସ୍ପଷ୍ଟ ହୋଇନି। କିଛି ଜିଲ୍ଲା ଏ ବାବଦ ଅର୍ଥକୁ ଆଦୌ ଖର୍ଚ୍ଚ କରିନଥିବା ଜଣାପଡ଼ିଛି। ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଉପରେ ସଚେତନ କରିବାକୁ ଅଙ୍ଗନବାଡ଼ି କେନ୍ଦ୍ର ଓ ମିନି ଅଙ୍ଗନବାଡ଼ି କେନ୍ଦ୍ରରେ ଅଧିକ ସଚେତନତା କାର୍ଯ୍ୟକ୍ରମ ପାଇଁ ବଜେଟରେ ଅଧିକ ବ୍ୟୟବରାଦ ହେବା ଜରୁରୀ। ନୂଆ ବ୍ୟବସ୍ଥା ଅନୁସାରେ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ଜଣେ ପୁଷ୍ଟିସାର କାଉନସିଲର ନିଯୁକ୍ତି ହେବା କଥା। ପୁଷ୍ଟିହୀନତାବହୁଳ ଜିଲ୍ଲା ବୌଦ୍ଧ, ଗଜପତି, କଳାହାଣ୍ଡି, ଢ଼େଙ୍କାନାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଏଭଳି ୯୫୨୪ଟି କେନ୍ଦ୍ର ଚିହ୍ନଟ ହୋଇଛି। ମାତ୍ର ପୁଷ୍ଟିସାର କାଉନସିଲର ନିଯୁକ୍ତି ହୋଇପାରିନି। ଏଥିପାଇଁ ବଜେଟରେ ବାର୍ଷିକ ୧୨୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ରହିବା ଦରକାର। ଗତ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୭୧୩୦୬ ମଂଜୁରୀପ୍ରାପ୍ତ କର୍ମୀ ପଦରୁ ୨୯୦୬ ପଦ ଖାଲି ପଡ଼ିଛି। ୫୮୧ ହେଲ୍ପର ପଦରେ ମଧ୍ୟ କେହି ନାହାନ୍ତି। ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ। ପ୍ରତି ୨୦ଟି କେନ୍ଦ୍ରକୁ ନେଇ ଗୋଟିଏ ଲେଖାଏଁ ସେକ୍ଟର ଗଢ଼ି ଜଣେ ଲେଖାଏଁ ସେକ୍ଟର ସୁପରଭାଇଜର ନିଯୁକ୍ତି କରିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହାକୁ ସରକାର ଧ୍ୟାନ ଦେଉନାହାନ୍ତି। ଏଥିପାଇଁ କେନ୍ଦ୍ର ସରକାର ୯୦% ପାଣ୍ଠି ପ୍ରଦାନ କରିଛନ୍ତି। ପ୍ରାକ୍ ବିଦ୍ୟାଳୟ ଶିକ୍ଷାଦାନ ପାଇଁ ଅଙ୍ଗନବାଡ଼ି କର୍ମୀମାନଙ୍କର ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ଅଛି। ଏ ନେଇ ଅଡିଓ ଭିଜୁଆଲ ମାଧ୍ୟମରେ ତାଲିମ ଦେବାକୁ ଗାଇଡଲାଇନ୍ ଥିଲେ ମଧ୍ୟ ତାହାକୁ ଠିକଣା ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ବିଶେଷକରି ଆଦିବାସୀ ଅଞ୍ଚଳରେ ଏ ତାଲିମର ଅଧିକ ଆବଶ୍ୟକତା ଅଛି। ରାଜ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର କୋଠା ଅର୍ଥ ଆୟୋଗ ଓ ରାଜ୍ୟ ଯୋଜନା ପାଣ୍ଠିରେ ହେଉଛି। ତେବେ ବିଆରଜିଏଫ୍, ବିଧାୟକ ଓ ସାଂସଦ ଉନ୍ନୟନ ପାଣ୍ଠିକୁ ମଧ୍ୟ ଏ କୋଠା କାମରେ ବିନିଯୋଗ କରିହେବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଅଙ୍ଗନବାଡ଼ି କୋଠା ନିର୍ମାଣ ପାଇଁ ବ୍ୟୟବରାଦ ୧୫୦୦ କୋଟି ଟଙ୍କାକୁ ବଢ଼ିଛି। କିନ୍ତୁ ୨୦୧୧-୧୨ରୁ ମଂଜୁରୀ ହୋଇଥିବା କୋଠାକାମ ଏଯାଏ ସରିନି। ଘୁଷୁରି ଘୁଷୁରି ଚାଲିଛି। ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କାମ ଧୀରମନ୍ଥର ଗତିରେ ଚାଲିଛି। ୧୨ ହଜାରରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ର ୧୫ ବର୍ଷ ତଳୁ ନିର୍ମିତ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ପକ୍କାଘର ବୋଲି ଦର୍ଶାଯାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନାର ସଫଳ ରୂପାୟନ ପାଇଁ ଏହାର ଅନୁଧ୍ୟାନ ଦାୟିତ୍ୱ କୌଣସି ନିରପେକ୍ଷ ସଂସ୍ଥାକୁ ଦେବାକୁ ଦାବି ହେଉଛି।